# ଭାରତର ଜଳ ସଙ୍କଟ କେବଳ ଅଭାବ ବିଷୟରେ ନୁହେଁ–ଏହା ହେଉଛି ସଂରକ୍ଷଣ ଓ ବିତରଣର ବିଷୟ

ଯଶୋବର୍ଦ୍ଧନ ଅଗରୱାଲ

ଭାରତ ଦୀର୍ଘଦିନରୁ ଜଳ ସମସ୍ୟା ଦେଇ ଗତି କରୁଛି ଓ ସେହି ସଙ୍କଟ ଗମ୍ଭୀର ହେବାରେ ଲାଗିଛି । ନିତି ଆୟୋଗ କମ୍ପୋଜିଟ ଜଳ ପରିଚାଳନା ସୂଚୀ ଅନୁସାରେ ୨୦୩୦ ସୁଦ୍ଧା ଭାରତ ଉକଟ ଜଳ ସଙ୍କଟକୁ ସାମ୍ନା କରିବ । ଭାରତରେ ଜଳ ଚାହିଦା ଯୋଗାଣଠାରୁ ଦୁଇ ଗୁଣା ଅଧିକ ରହିବ ଏବଂ ଜଳ ସଙ୍କଟ ପ୍ରଭାବରେ ୨୦୩୦ ସୁଦ୍ଧା ଜିଡିପିର ୬ ପ୍ରତିଶତ କ୍ଷତି ହେବ ବୋଲି ଆକଳନ କରାଯାଇଛି । ଭାରତ ସରକାରଙ୍କ ତଥ୍ୟ ଅନୁସାରେ ମୁଣ୍ଡପିଛା ଜଳ ଉପଲବ୍ଧତା ୨୦୦୧ର ୧୮୧୬ କ୍ୟୁବିକ ମିଟରରୁ ହ୍ରାସ ପାଇ ୨୦୨୧ରେ ୧୪୮୬ କ୍ୟୁବିକ ମିଟର ରହିଯାଇଛି ଏବଂ ତାହା ୧୩୪୧ କ୍ୟୁବିକ ମିଟରକୁ ଖସିଯିବା ଆକଳନ କରାଯାଇଛି । ତାହା ଭାରତକୁ 'ୱାଟର ଷ୍ଟ୍ରେସଡ୍' ବର୍ଗରେ ସାମିଲ କରିଛି । ଭାରତର ଜଳ ସଙ୍କଟକୁ ମୁଖ୍ୟତଃ ସଙ୍କଟ ଦୃଷ୍ଟିରେ ଆଲୋଚନା କରାଯାଏ । ଯଥା ଭୂତଳ ଜଳସ୍ତର ହ୍ରାସ, ଜଳାଶୟ ଶୁଖିଯିବା ଏବଂ ଅନିୟମିତ ମୌସୁମୀ ଯାହା ଅଣଦେଖା ହୋଇଯାଏ, ତାହା ହେଉଛି ଯେଉଁଠାରେ ପାଣି ରହିଛି ସେଠାରେ ତାହା ଲୋକମାନଙ୍କ ପାଖରେ ସବୁବେଳେ ସୁରକ୍ଷିତ, ନିରାପଦ ଓ ଠିକ୍ ସମୟରେ ପହଂଚିନଥାଏ ସମସ୍ୟା କେବଳ ଉପଲବ୍ଧତା ନୁହେଁ–ଏହା ହେଉଛି 'ସୁରକ୍ଷିତ ଜଳ ପାଇବା'ର ବିଷୟ ।

ପ୍ରବଳ ବର୍ଷା ସମୟରେ ବନ୍ୟାଠାରୁ ଆରମ୍ଭ କରି ଗ୍ରୀଷ୍ମ ଋତୁରେ ଉତ୍କଟ ଜଳାଭାବ ଭଳି ଅତ୍ୟନ୍ତ ଗମ୍ଭୀର ସ୍ଥିତିକୁ ଭାରତ ସାମ୍ନା କରୁଛି । ଏହା ଏକ ଗମ୍ଭୀର ଢାଞ୍ଚାଗତ ସମସ୍ୟାକୁ ଦର୍ଶାଉଛି । ପ୍ରଭାବଶାଳୀ ଢଙ୍ଗରେ ଜଳ ସଂରକ୍ଷଣ, ପରିବହନ ଓ ବିତରଣର ଅକ୍ଷମତା ଭାରତରେ ବର୍ଷକୁ ୩୦୭୦ ବିଲିୟନ କ୍ୟୁବିକ ମିଟର (ବିସିଏ) ୨୦୨୪ ତଥ୍ୟ) ବର୍ଷା ହେଉଥିବା ବେଳେ ତାହାର ଏକ ପଞ୍ଚମାଂଶରୁ କମ ଜଳକୁ ପ୍ରଭାବଶାଳୀ ଢଙ୍ଗରେ ସଂରକ୍ଷିତ ଓ ପୁନଃବ୍ୟବହାର କରାଯାଇପାରୁଛି । ଅଧିକାଂଶ ବର୍ଷା ଜଳ ବୋହିଯାଉଥିବା ବେଳେ ସମୁଦାୟକୁ ଶୁଖିଲା ଦିନକୁ ଅପେକ୍ଷା କରିବାକୁ ପଡୁଛି ।

ଏହାର କାରଣ ଆମ ସମସ୍ତଙ୍କୁ ଜଣା । ତାହା ହେଉଛି ଜନସଂଖ୍ୟା ବୃଦ୍ଧି, ଦ୍ରୁତ ସହରୀକରଣ, ଚାଷ ପାଇଁ ଭୂତଳ ଜଳ ଉପରେ ଅତ୍ୟଧିକ ନିର୍ଭରଶୀଳତା, ଜଳବାୟୁ ପରିବର୍ତ୍ତନ ଓ ଜଳ ସମ୍ପର୍କିତ ଭିତ୍ତିଭୂମିରେ ଅନୁପଯୁକ୍ତ ନିବେଶ । ଏହାସତ୍ତ୍ୱେ ପ୍ରଭାବ ଅସମାନ ରହିଛି । ଗ୍ରାମୀଣ ଭାରତରେ ଯୋଗାଣ କମ କରୁଥିବା ବେଳେ ସହରାଚଂଳରେ ଚାହିଦା ଅଧିକ ରହୁଛି । ପଂଜାବ ଓ ହରିୟାଣା ଭଳି ରାଜ୍ୟରେ ଭୂତଳ ଜଳ ସଂଗ୍ରହ ପ୍ରାକୃତିକ ରିଚାର୍ଜ ହାରଠାରୁ ଅଧିକ ରହୁଛି ଯାହା କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଅନୁସାରେ ଏକ ସ୍ଥାୟୀ ଅଭ୍ୟାସର ଆବଶ୍ୟକତାକୁ ଦର୍ଶାଉଛି । ସେହି ସମୟରେ ମରୁଡ଼ି ପ୍ରବଣ ଅଂଚଳ ମହାରାଷ୍ଟ୍ର ଓ ତେଲେଙ୍ଗାନା ସବୁବେଳେ ଚାପ ସାମ୍ନା କରୁଛନ୍ତି । କେବଳ ଭିତ୍ତିଭୂମି ଅଭାବ ପାଇଁ ନୁହେଁ ବରଂ ଅନିୟମିତ ବୃଷ୍ଟିପାତ, ଉନ୍ନତ ବ୍ୟବହାର ଧାରାର ଅଭାବ ଏବଂ ବୃହତ ଜଳ ପ୍ରକଳ୍ପର ଆହ୍ୱାନ ଏକ ଜନବହୁଳ ରାଷ୍ଟ୍ରରେ ସମାନ ବିକାଶ ଓ ସ୍ଥାୟୀ ଜଳବାୟୁ ପାଇଁ ଆମକୁ ତୁରନ୍ତ ଜଳ ପରିଚାଳନା ବିଷୟରେ ଚିନ୍ତା କରିବାକୁ ପଡ଼ିବ । କେବଳ ପ୍ରାକୃତିକ ସମ୍ବଳ ନୁହେଁ ବରଂ ଏକ ଅତ୍ୟାବଶ୍ୟକ ସେବା ଭାବେ ଯାହା ଯୋଜନାବଦ୍ଧ ଭିତିଭୂମି, ନିବେଶ ଓ ନବସୃଜନ ଚାହୁଁଛି ।

ନିର୍ଯ୍ୟାସ ସ୍ପଷ୍ଟ ଏହା କୌଣସି ଯୋଗାଣ ସମସ୍ୟା ନୁହେଁ ଏହା ହେଉଛି ଯୋଜନା, ସଂରକ୍ଷଣ ଓ ଡେଲିଭରି ପ୍ରଦାନ କରିବାର ଆହ୍ୱାନ ।

ଯଦି ପରାଦକୁ ହଟାଇବା ତେବେ ଯାହା ସାମ୍ନାକୁ ଆସିବ ତାହା ହେଉଛି ଭାରତର ଜଳ ଭିତ୍ତିଭୂମି ଆବଶ୍ୟକତା ଅନୁସାରେ ଅଗ୍ରଗତି କରୁନାହିଁ ବିପୁଳ ପରିମାଣର ପାଣି ନଷ୍ଟ ହୋଇଯାଉଛି କିମ୍ବା ଉସ ଓ ଟ୍ୟାପ ମଧ୍ୟରେ ସଂକ୍ରମିତ ହେଉଛି । ସହରାଚଂଳରେ ଲିକ କରୁଥିବା ପାଇପଲାଇନ ଓ ଦୁର୍ବଳ ଭିତ୍ତିଭୂମି ପାଇଁ ଟ୍ରିଟମେଂଟ ହୋଇଥିବା ଜଳ ନଷ୍ଟ ହେଉଛି । ଗ୍ରାମାଚଂଳରେ ସୁରକ୍ଷିତ ସଂରକ୍ଷଣ ସମାଧାନର ଅଭାବ ଅର୍ଥ ହେଉଛି ଅମଳ ହୋଇଥିବା ବର୍ଷାଜଳ କିମ୍ବା ଯୋଗାଣ କରାଯାଇଥିବା ପାନୀୟ ଜଳ ନଷ୍ଟ ହେଉଛି ।

ଉଭୟ ଗୋଷ୍ଠୀ ଓ ପରିବାର ସ୍ତରରେ ସଂରକ୍ଷଣ ହେଉଛି ଏକ ବ୍ଲାଇଣ୍ଡ ସ୍ପଟ । ଅଧିକାଂଶ ଗ୍ରାମୀଣ ପରିବାରରେ ଘୋଡ଼ା ହୋଇନଥିବା କିମ୍ବା ପୁରୁଣା ଷ୍ଟୋରେଜ ଟାଙ୍କି ବ୍ୟବହାର କରାଯାଉଛି । ଯାହା ଫଳରେ ସଂକ୍ରମଣ ହେବା ସହ ସ୍ୱାସ୍ଥ୍ୟ ବିପଦ ବଢ଼ୁଛି । ସହରାଚଂଳରେ ଲୋକମାନେ ମୁଖ୍ୟତଃ ରିସାଇକଲ ହୋଇଥିବା ପ୍ଲାଷ୍ଟିକରୁ ପ୍ରସ୍ତୁତ ଟାଙ୍କି ବ୍ୟବହାର କରୁଛନ୍ତି, ଯାହା ସୁଲଭ, କିନ୍ତୁ ୧୦୦ ପ୍ରତିଶତ ଖାଦ୍ୟ ମାନର ଭର୍ଜିନ ପ୍ଲାଷ୍ଟିକ ତୁଳନାରେ ସେଥିରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ବିପଦ ରହିଛି । ଅନୁଷ୍ଠାନ, ସ୍କୁଲ, ହସ୍ପିଟାଲ ଓ କ୍ଷୁଦ୍ର ବ୍ୟବସାୟଗୁଡ଼ିକ ସମାନ ଆହ୍ୱାନ ସାମ୍ନା କରୁଛନ୍ତି । ତାହା ହେଉଛି ପ୍ରବଳ ଚାହିଦା ସମୟରେ ପାଣିକୁ ଅସୁରକ୍ଷିତ ଓ ଅନୁପଯୁକ୍ତ ଭାବେ ସଂରକ୍ଷିତ ରଖିବା ।

ଏହା ପରେ ହେଉଛି ଯୋଗାଣ ଦୂରଦୂରାନ୍ତ ପର୍ଯ୍ୟନ୍ତ ସଂଯୋଗର ଅଭାବ କାରଣରୁ ଯେଉଁଠାରେ ପାଣି ପହଂଚିବା କଥା ସେଠାରେ ପହଂଚିପାରୁନାହିଁ କିମ୍ବା କମ ପ୍ରେସରରେ ଓ ଅନିୟମିତ ସମୟରେ ଆସୁଛି । ଏହା ଉପଯୋଗିତାକୁ କେବଳ ପ୍ରଭାବିତ କରୁନାହିଁ, ବରଂ ବ୍ୟବସ୍ଥା ଉପରେ ରହିଥିବା ବିଶ୍ୱାସକୁ ନଷ୍ଟ କରୁଛି । ଯଦି ଆମ ପାଖରେ ଦୃଢ଼ ଡେଲିଭରି ନେଟୱର୍କ ଓ ଉନ୍ନତ ଡିଜାଇନର ସଂରକ୍ଷଣ ସମାଧାନ ରହିଛି, ତେବେ ସୀମିତ ଜଳରେ ମଧ୍ୟ ଆମେ ସୁରକ୍ଷିତ ଓ ସମାନତାର ସହ ଆଗକୁ ବଢ଼ିପାରିବା ।

ଏହାର ସମାଧାନ ପାଇଁ ଆମେ କିଭଳି ଜଳ ସଙ୍କଟକୁ ଦେଖୁଛେ ସେଥିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ । ଆମକୁ ଜଳ ପରିଚାଳନାର ମୂଳରେ ସଂରକ୍ଷଣ ଓ ଯୋଗାଣକୁ ଦେଖିବାକୁ ପଡ଼ିବ । ସ୍ଥାନୀୟ ସରକାର ଓ ପୌର ଯୋଜନାକାରୀମାନଙ୍କୁ ଛାତ ଉପରେ ବର୍ଷା ଜଳ ଅମଳ, ଭୂତଳ ଜଳ ସଂରକ୍ଷଣ ଭଳି ଜଳ ଭିତ୍ତିଭୂମିକୁ ପ୍ରାଥମିକତା ଦେବାକୁ ପଡ଼ିବ ଏବଂ ସୁରକ୍ଷିତ ଘର ବ୍ୟବହାର ପାଇଁ ଥର୍ମାଲି ଇନସୁଲେଟେଡ ଟାଙ୍କିକୁ ପ୍ରାଥମିକତା ଦେବାକୁ ହେବ । ସେଗୁଡ଼ିକ ଭବିଷ୍ୟତ ସମାଧାନ ନୁହେଁ, ସେଗୁଡ଼ିକ ହେଉଛି ବାସ୍ତବ, ବ୍ୟାପକ ଓ ଉପଲବ୍ଧ ସମାଧାନ ।

ଦ୍ୱିତୀୟରେ ସୁରକ୍ଷିତ ଜଳ ହାସଲ କରିବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ସେଥିପାଇଁ ପ୍ରଯୁକ୍ତି ଓ ଡିଜାଇନରରେ ନବସୃଜନର ବ୍ୟବହାର କରିବାକୁ ପଡ଼ିବ ଭାରତକୁ ଏଭଳି ଟାଙ୍କି ଓ ସଂରକ୍ଷଣ ସମାଧାନ ଦରକାର ଯାହା ଅଣୁଜୀବ ଓ ଭାଇରସ ସଂକ୍ରମଣ, ଆଲଗାଇ ଜମା ହେବା ଏବଂ ୟୁଭିରୁ ସୁରକ୍ଷା ପ୍ରଦାନ କରିବ । ଷ୍ଟୋରେଜର ପରିଚାଳନା ଏବଂ ଯୋଗାଣ ଲାଇନରେ ଲିକେଜ ଚିହ୍ନଟ କରିବା ଲାଗି ଡିଜିଟାଲ ଟୁଲ ଆବଶ୍ୟକ । ଏହି ଠାରେ ସରକାରଙ୍କ ପହଂଚ ଓ ସଂସ୍ଥାର କ୍ଷୀପ୍ରତାର ମିଶ୍ରଣ ସହ ଘରୋଇ–ସରକାରୀ ସହଭାଗିତାକୁ ବଡ଼ ଭୂମିକା ଗ୍ରହଣ କରିବାକୁ ହେବ ।

ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ହେଉଛି ସଚେତନତା ସଂରକ୍ଷଣ ଓ ବଂଟନ ବେଳେ ଜଳ ସ୍ୱଚ୍ଛତା କେବଳ ଏକ ପାଇପ କାମ ସମସ୍ୟା ନୁହେଁ, ଏହା ହେଉଛି ଏକ ଜନସ୍ୱାସ୍ଥ୍ୟ ସମସ୍ୟା । ସ୍ୱଚ୍ଛ ଜଳ ସଂରକ୍ଷଣ ବ୍ୟବସ୍ଥାର ଦୀର୍ଘକାଳୀନ ଲାଭ ବିଷୟରେ ପରିବାର, ସିଭିଲ ଇଞ୍ଜିନିୟର, ଠିକାଦାର, ପାଇପ ମିସ୍ତ୍ରୀ ଓ କମ୍ୟୁନିଟି ନେତାଙ୍କୁ ସଚେତନ କରୁଥିବା ଅଭିଯାନ ଦରକାର, ଯାହା ଆଚରଣରେ ପରିବର୍ତ୍ତନ ଆଣିବ ।

ତୃତୀୟରେ, ଆମକୁ ଦୀର୍ଘକାଳୀନ ବିଷୟରେ ଚିନ୍ତା କରିବା ସହ ସହର ହେଉ କିମ୍ବା ପରିବାର, କୋଠା, ବାଣିଜ୍ୟିକ ପ୍ରତିଷ୍ଠାନ, ଅନୁଷ୍ଠାନ ଆଦି ପାଇଁ ଜଳ ସମ୍ପର୍କିତ ଭିତ୍ତିଭୂମିର ଯୋଜନା କରିବାକୁ ପଡ଼ିବ । ଜଳ ପ୍ରାକୃତିକ ସମ୍ବଳ ହୋଇଥିବା ବେଳେ ତାହାକୁ ପାଇବାର ବ୍ୟବସ୍ଥା ମଣିଷକୁ କରିବାକୁ ହେବ ଏବଂ ଦ୍ରୁତ ସହରୀକରଣ ପାଇଁ ଜଳ ଯୋଗାଣ ସମାଧାନର ସଠିକ ମାନରେ ନିବେଶ କରିବା ଗୁରୁତ୍ୱପୂର୍ଣ୍ଣ । ଆମକୁ ଜଳର ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ଉନ୍ନତ ଯୋଗାଣ ବ୍ୟବସ୍ଥା ନିର୍ମାଣ କରିବାକୁ ହେବ ଯାହା କେବଳ ଗଭୀର ନଳକୂପ ନୁହେଁ, ବରଂ ସ୍ମାର୍ଟ ନେଟୱର୍କ କେବଳ ଟ୍ୟାପ ନୁହେଁ, ବରଂ ପାଇପ ଓ ସୁରକ୍ଷିତ ସଂରକ୍ଷଣ ସମାଧାନ ଜରିଆରେ ସୁରକ୍ଷିତ ଯୋଗାଣ ।

ଶେଷରେ, ଜଳ ସଙ୍କଟକୁ କେବଳ ଯୋଗାଣ ପାର୍ଶ୍ୱ ସମାଧାନ ଜରିଆରେ ସମାଧାନ କରିହେବ ନାହିଁ ଆମକୁ ଏକ ଅଧିକ ସ୍ମାର୍ଟ ଓ ସାମଗ୍ରିକ ଆଭିମୁଖ୍ୟ ଆପଣାଇବାକୁ ପଡ଼ିବ, ଯାହା ପ୍ରଭାବୀ, ଯୋଗାଣ, ଡିଜାଇନ ଓ ସଂରକ୍ଷଣ ଆଦି ସବୁ ଦୃଷ୍ଟିରୁ ସମାନ ହୋଇଥିବ ସମୁଦାୟ ଉପକୃତ ହେବା ଓ ଭାରତୀୟ ଅର୍ଥନୀତିର ପ୍ରଗତି ପାଇଁ ଆମକୁ ପ୍ରତିଟି ସ୍ତରରେ ସୁରକ୍ଷିତ ଜଳ ହାସଲକୁ ପ୍ରାଥମିକତା ଦେବାକୁ ହେବ ଏବଂ ଏଥିପାଇଁ ସରକାର ଓ ଶିଳ୍ପର ମିଳିତ ଭାବେ ଗୋଟିଏ ଲକ୍ଷ୍ୟ ପାଇଁ କାମ କରିବାର ପ୍ରତିବଦ୍ଧତା ଦରକାର ।

ଶେଷରେ ଜଳ ନିରାପତା କେବଳ ଆମେ ପାଇଁ ଯାହା ଅଛି ତାହା ନୁହେଁ, ବରଂ ଏହା ହେଉଛି ପ୍ରାକୃତିକ ସମ୍ବଳକୁ ଚତୁରତାର ସହ ପରିଚାଳନା କରିବାର ବିଷୟ ।

–ସିନଟେକ୍ସର ନିର୍ଦ୍ଦେଶକ ଓ ୱେଲସ୍ପନ ବିଏପିଏଲର ଏମଡି